# ମାମଲାର ଅନ୍ତ ଘଟାଇଲେ ହାଇକୋର୍ଟ

କଟକ,୧୭।୧୦(ବ୍ୟୁରୋ): ଭୁବନେଶ୍ୱରସ୍ଥିତ ଏକାମ୍ରକାନନର ୨୦ ଏକର ଜମି ଉପରେ ସୁଉଚ୍ଚ ଅଟ୍ଟାଳିକା ନିର୍ମାଣ ପାଇଁ କୌଣସି ପ୍ରକାର ପ୍ରସ୍ତାବ ନାହିଁ। ପୂର୍ବରୁ ଜାତୀୟ ଗ୍ରୀନ୍ ଟ୍ରିବ୍ୟୁନାଲରେ ସମାନ ଅଭିଯୋଗରେ ରୁଜୁ ଏକ ମାମଲାରେ ମଧ୍ୟ ଏହି ଜବାବ ରଖାଯାଇଥିଲା। -ଆଜି ରାଜ୍ୟ ସରକାରଙ୍କ ପକ୍ଷରୁ ଏପରି ଜବାବ ପରେ ହାଇକୋର୍ଟ ଏହି ମାମଲାର ଅନ୍ତ ଘଟାଇଛନ୍ତି। ତେବେ ଯଦି ଆବେଦନକାରିଣୀ ପରବର୍ତ୍ତୀ ସମୟରେ ଏଠାରେ ନିର୍ମାଣ କାମ ଦେଖିବାକୁ ପାଆନ୍ତି ତାହେଲେ ଉପଯୁକ୍ତ ଅଧିକାରୀଙ୍କ ଦ୍ୱାରସ୍ଥ ହୋଇପାରିବେ ବୋଲି ହାଇକୋର୍ଟ ତାଙ୍କ ଆଦେଶରେ ସ୍ପଷ୍ଟ କରିଛନ୍ତି। ସମାଜସେବୀ ଜୟନ୍ତୀ ଦାସଙ୍କ ପକ୍ଷରୁ ଆଗତ ମାମଲାର ଶୁଣାଣି କରି ହାଇକୋର୍ଟର ମୁଖ୍ୟ ବିଚାରପତି ଜଷ୍ଟିସ୍ ଏସ୍. ମୁରଲୀଧର ଏବଂ ବିଚାରପତି ଜଷ୍ଟିସ୍ ଚିତ୍ତରଞ୍ଜନ ଦାଶଙ୍କୁ ନେଇ ଗଠିତ ଖଣ୍ଡପୀଠ ଏହି ନିର୍ଦ୍ଦେଶ ଦେଇଛନ୍ତି।

ଏକାମ୍ରକାନନରେ ସୁଉଚ୍ଚ ଅଟ୍ଟାଳିକା ନିର୍ମାଣ ପାଇଁ ସରକାର ଯୋଜନା କରୁଥିବା ଜଣାପଡ଼ିବା ପରେ ଆବେଦନକରିଣୀ ଏହି ମାମଲା ରୁଜୁ କରିଥିଲେ। ହାଇକୋର୍ଟ ଏହି ମାମଲାରେ ରାଜ୍ୟ ସରକାରଙ୍କୁ ଜବାବ ଦାଖଲ ଲାଗି ନୋଟିସ୍ ଜାରି କରିଥିଲେ। ଅପରପକ୍ଷରେ ଏହି ଅଭିଯୋଗ ନେଇ ଗ୍ରୀନ୍ ଟ୍ରିବ୍ୟୁନାଲ୍ଙ୍କ ନିକଟରେ ମଧ୍ୟ ଆଉ ଏକ ମାମଲା ରୁଜୁ ହୋଇଥିଲା। ଗ୍ରୀନ୍ ଟ୍ରିବ୍ୟୁନାଲଙ୍କ ଦ୍ୱାରା ଗଠିତ ୧୦ ଜଣିଆ କମିଟି ଘଟଣାସ୍ଥଳ ପରିଦର୍ଶନ କରିଥିଲେ। ଉକ୍ତ ସ୍ଥାନରେ ଗଛ କଟାଯାଇନଥିବା ଓ କୌଣସି ନିର୍ମାଣ କାମ ହୋଇନଥିବା କମିଟି ଜାଣିବା ସହ ଏନେଇ ଟ୍ରିବ୍ୟୁନାଲଙ୍କୁ ଅବଗତ କରିଥିଲେ। ହାଇକୋର୍ଟରେ ଆଜି ଏହି ମାମଲାର ଶୁଣାଣି ବେଳେ ରାଜ୍ୟ ସରକାର ସମାନ କଥାକୁ ଦୋହରାଇଥିଲେ। ଫଳରେ ହାଇକେର୍ଟ ମାମଲାର ଅନ୍ତ ଘଟାଇଛନ୍ତି। ଆବେଦନକାରିଣୀଙ୍କ ପକ୍ଷରୁ ଆଇନଜୀବୀ ବିଜୟ କୁମାର ରଗଡ଼ ମାମଲା ପରିଚାଳନା କରୁଥିଲେ।